# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**12 May – 2024**

## ପ୍ରଥମ ପର୍ଯ୍ୟାୟ ନିର୍ବାଚନ

ରାଜ୍ୟର ପ୍ରଥମ ତଥା ଦେଶର ଚତୁର୍ଥ ପର୍ଯ୍ୟାୟ ନିର୍ବାଚନ ପାଇଁ ଆସନ୍ତାକାଲି ମତଦାନ ଅନୁଷ୍ଠିତ ହେବ । ଏହି ପର୍ଯ୍ୟାୟରେ ରାଜ୍ୟର ୪ଟି ଲୋକସଭା ଏବଂ ଏହା ଅନ୍ତର୍ଗତ ୨୮ଟି ବିଧାନସଭା ଆସନ ପାଇଁ ଭୋଟ୍ ନିଆଯିବ। କଳାହାଣ୍ଡି, ନବରଙ୍ଗପୁର, ବ୍ରହ୍ମପୁର ଏବଂ କୋରାପୁଟ୍ ସଂସଦୀୟ କ୍ଷେତ୍ର ପାଇଁ ୩୭ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ୨୮ଟି ବିଧାନସଭା ଆସନ ପାଇଁ ୨୪୩ ଜଣ ପ୍ରାର୍ଥୀ ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇଛନ୍ତି । ଏହି ପର୍ଯ୍ୟାୟରେ ରାଜ୍ୟର ମୋଟ୍ ୬୨ ଲକ୍ଷ ୮୭ ହଜାର ୨୨୨ ଜଣ ମତଦାତା ସେମାନଙ୍କର ମତାଧିକାର ସାବ୍ୟସ୍ତ କରିବେ । ସେଥିପାଇଁ ୭ ହଜାର ୨୮୯ଟି ଏବଂ ୧୪ଟି ଅତିରିକ୍ତ ବୁଥ୍ ପ୍ରସ୍ତୁତ କରାଯାଇଛି ବୋଲି ରାଜ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରୁ ଜଣାପଡିଛି ।

## ତୃତୀୟ ପର୍ଯ୍ୟାୟ ନିର୍ବାଚନ

ରାଜ୍ୟରେ ତୃତୀୟ ପର୍ଯ୍ୟାୟରେ ମୋଟ ୬ଟି ସଂସଦୀୟ କ୍ଷେତ୍ର ଏବଂ ୪୨ଟି ବିଧାନସଭା ଆସନରେ ମୋଟ ୪୪୭ଜଣ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିଛନ୍ତି । ରାଜ୍ୟ ନିର୍ବାଚନ ଆୟୋଗଙ୍କ ସୂଚନା ଅନୁସାରେ ଭୁବନେଶ୍ୱର, ପୁରୀ, କଟକ ସମ୍ବଲପୁର, କେନ୍ଦୁଝର ଓ ଢେଙ୍କାନାଳ ଲୋକସଭା ଆସନ

ପାଇଁ ୬୪ଜଣ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିଛନ୍ତି । ସେହିଭଳି ୪୨ଟି ବିଧାନସଭା ଆସନପାଇଁ ୩୮୩ଜଣ ପ୍ରାର୍ଥୀ ନିର୍ବାଚନ ଲଢୁଛନ୍ତି । ରାଜ୍ୟର ତୃତୀୟ ପର୍ଯ୍ୟାୟ ଭୋଟ ଆସନ୍ତା ୨୫ତାରିଖରେ ଅନୁଷ୍ଠିତ ହେବ ।

## ତୃତୀୟ ପର୍ଯ୍ୟାୟ ନିର୍ବାଚନ

ରାଜ୍ୟରେ ତୃତୀୟ ପର୍ଯ୍ୟାୟରେ ମୋଟ ୬ଟି ସଂସଦୀୟ କ୍ଷେତ୍ର ଏବଂ ୪୨ଟି ବିଧାନସଭା ଆସନରେ ମୋଟ ୪୪୭ଜଣ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିଛନ୍ତି । ରାଜ୍ୟ ନିର୍ବାଚନ ଆୟୋଗଙ୍କ ସୂଚନା ଅନୁସାରେ ଭୁବନେଶ୍ୱର, ପୁରୀ, କଟକ ସମ୍ବଲପୁର, କେନ୍ଦୁଝର ଓ ଢେଙ୍କାନାଳ ଲୋକସଭା ଆସନ ପାଇଁ ୬୪ଜଣ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିଛନ୍ତି । ସେହିଭଳି ୪୨ଟି ବିଧାନସଭା ଆସନପାଇଁ ୩୮୩ଜଣ ପ୍ରାର୍ଥୀ ନିର୍ବାଚନ ଲଢୁଛନ୍ତି । ରାଜ୍ୟର ତୃତୀୟ ପର୍ଯ୍ୟାୟ ଭୋଟ ଆସନ୍ତା ୨୫ତାରିଖରେ ଅନୁଷ୍ଠିତ ହେବ ।

## ଆଶାକର୍ମୀଙ୍କ ଭତ୍ତା

ନିର୍ବାଚନ ପରିଚାଳନା ପାଇଁ ପୋଲିଂ ଦିନ ପୁଲିଂ ବୁଥରେ ନିୟୋଜିତ ହୋଇଥିବା ଆଶା କର୍ମୀମାନଙ୍କୁ ଭତ୍ତା ଦିଆଯିବ ବୋଲି ରାଜ୍ୟ ଗୃହ ବିଭାଗ ପକ୍ଷରୁ ସୂଚନା ମିଳିଛି । ଏହା ବ୍ୟତୀତ ଭୋଟ ଦିନ ସେମାନେ ପୁଲିଂ

କେନ୍ଦ୍ରରେ ସେମାନେ ଉପସ୍ଥିତ ରହୁଥିବାରୁ ଖାଦ୍ୟ ବାବଦରେ ୧୫୦ଟଙ୍କା ଏବଂ ଭତ୍ତା ବାବଦରେ ୨୦୦ଟଙ୍କା ମିଳିବ ।

## ଢେଙ୍କାନାଳ ପର୍ଯ୍ୟବେକ୍ଷକ

ଢେଙ୍କାନାଳ ଜିଲ୍ଲା କାର୍ଯ୍ୟାଳୟର ସଦ୍‌ଭାବନା ଗୃହରେ ନିର୍ବାଚନୀ ଖର୍ଚ୍ଚ ବିବରଣୀ ସମ୍ପର୍କୀତ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଖର୍ଚ୍ଚ ପର୍ଯ୍ୟବେକ୍ଷକ କାର୍ତ୍ତିକେୟନ ପାଣ୍ଡି, ଧନିକା ଶର୍ମା ଯୋଗଦେଇ ପ୍ରାର୍ଥୀ ଓ ପ୍ରାର୍ଥୀଙ୍କ ଏଜେଣ୍ଟମାନେ କିଭଳି ସମସ୍ତେ ନିର୍ବାଚନୀ ଖର୍ଚ୍ଚ ରେକର୍ଡ କରି ରଖିବେ ସେ ସମ୍ପର୍କରେ ବିଶେଷଭାବେ ଆଲୋଚନା କରିଥିଲେ । ସୂଚନାଯୋଗ୍ୟ ଯେ ଲୋକସଭାର ପ୍ରତ୍ୟେକ ପ୍ରାର୍ଥୀ ୯୫ଲକ୍ଷ ଓ ବିଧାନସଭା ପ୍ରାର୍ଥୀ ୪୦ଲକ୍ଷ ଖର୍ଚ୍ଚ କରିପାରିବେ ବୋଲି ପର୍ଯ୍ୟବେକ୍ଷକ ବୁଝାଇଥିଲେ ।

## ପୁଲିଂ ଅଫିସରଙ୍କ ମୃତ୍ୟୁ

ନବରଙ୍ଗପୁର ଜିଲ୍ଲା ଉମରକୋଟ ଅଞ୍ଚଳରେ ଗତକାଲି ଜଣେ କର୍ତ୍ତବ୍ୟରତ ପୋଲିଂ କର୍ମଚାରୀଙ୍କର ଦୁର୍ଘଟଣାରେ ମୃତ୍ୟୁଘଟିଥିବା ସମ୍ବାଦ ଆମର ହସ୍ତଗତ ହୋଇଛି । ତାଙ୍କୁ ୫ନମ୍ବର ପୋଲିଂ କର୍ମଚାରୀଭାବେ ନିଯୁକ୍ତ କରାଯାଇଥିଲ । ନିୟମ ଅନୁଯାୟୀ ନିର୍ବାଚନରେ କର୍ତ୍ତବ୍ୟରତ କର୍ମଚାରୀଙ୍କର ପରିବାରକୁ ୧୫ ଲକ୍ଷ ଟଙ୍କାର ଅତିରିକ୍ତ ଅନୁକମ୍ପାମୂଳକ

ସହାୟତା ରାଶି ପ୍ରଦାନ କରାଯିବ ବୋଲି ରାଜ୍ୟ ମୁଖ୍ୟନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ କହିଛନ୍ତି ।

# ପୁଲିଂ ଅଫିସରଙ୍କ ମୃତ୍ୟୁ

ନବରଙ୍ଗପୁର ଜିଲ୍ଲା ଉମରକୋଟ ଅଞ୍ଚଳରେ ଗତକାଲି ଜଣେ କର୍ତ୍ତବ୍ୟରତ ପୋଲିଂ କର୍ମଚାରୀଙ୍କର ଦୁର୍ଘଟଣାରେ ମୃତ୍ୟୁଘଟିଥିବା ସମ୍ବାଦ ଆମର ହସ୍ତଗତ ହୋଇଛି । ତାଙ୍କୁ ୫ନମ୍ବର ପୋଲିଂ କର୍ମଚାରୀଭାବେ ନିଯୁକ୍ତ କରାଯାଇଥିଲ । ନିୟମ ଅନୁଯାୟୀ ନିର୍ବାଚନରେ କର୍ତ୍ତବ୍ୟରତ କର୍ମଚାରୀଙ୍କର ପରିବାରକୁ ୧୫ ଲକ୍ଷ ଟଙ୍କାର ଅତିରିକ୍ତ ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ କରାଯିବ ବୋଲି ରାଜ୍ୟ ମୁଖ୍ୟନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ କହିଛନ୍ତି ।

# ଭୋଟର ଆଇକାର୍ଡ

ଭୋଟର ଆଇକାର୍ଡ ସଂଶୋଧନ ନାମରେ ସାଇବର ଠକେଇ ମାମଲା ଆସିବା ପରେ ପୁଲିସ ବିଭାଗ ପକ୍ଷରୁ ଠକାମୀରୁ ଦୂରେଇ ରହିବା ପାଇଁ ସତର୍କ ସୂଚନା ଜାରି କରାଯାଇଛି । ନିର୍ବାଚନ ପ୍ରକ୍ରିୟା ଚାଲିଥିବାରୁ ଭୋଟର କାର୍ଡର ସଂଶୋଧନ କରିବା ନେଇ ମୋବାଇଲ, ଇମେଲ ଏବଂ ହ୍ୱାଟସପ ଜରିଆରେ ମେସେଜ ଆସୁଛି। ବର୍ତ୍ତମାନ ନିର୍ବାଚନ ପ୍ରକ୍ରିୟା ଚାଲିଥିବାରୁ ଭୋଟର କାର୍ଡ ସଂଶୋଧନ ପ୍ରକ୍ରିୟା ବନ୍ଦ ରହିଛି ଏବଂ ଏହି

ମିଥ୍ୟା ମେସେଜରୁ ନିବୃତ୍ତ ରହିବା ପାଇଁ ପୋଲିସ ପକ୍ଷରୁ ସତର୍କ କରାଯାଇଛି ।

# ମୁଖ୍ୟମନ୍ତ୍ରୀ-ନିର୍ବାଚନୀ ପ୍ରଚାର

ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି କଳାହାଣ୍ଡି ଏବଂ ବଲାଙ୍ଗୀର ଜିଲ୍ଲା ଗସ୍ତରେ ଯାଇ ନିର୍ବାଚନୀ ପ୍ରଚାର କରିବେ ବୋଲି ଦଳୀୟ ସୂତ୍ରରୁ ଜଣାପଡିଛି । ଶ୍ରୀ ପଟ୍ଟନାୟକ କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀର ମୁରିବାହାଲ ବ୍ଲକର  ଏକ ନିର୍ବାଚନୀ ସଭାରେ ସମ୍ବୋଧନ କରିବେ ।  ଏହା ସହିତ ମୁଖ୍ୟମନ୍ତ୍ରୀ ବଲଙ୍ଗୀର ନିର୍ବାଚନ ମଣ୍ଡଳୀର ଏକ ନିର୍ବାଚନୀ କାର୍ଯ୍ୟକ୍ରମରେ ଯୋଗଦେବେ ବୋଲି ଜଣାପଡିଛି ।

## ରାଷ୍ଟ୍ରୀୟ ଲୋକ ଅଦାଲତ

ଚଳିତ ବର୍ଷର ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତରେ ଗତକାଲି   ୧ ଲକ୍ଷ ୪୮ହଜାର ୮୨୦ଟି ମାମଲାର ସମାଧାନ ହୋଇଛି ବୋଲି ଜାତୀୟ ଆଇନ ସେବା ପ୍ରାଧିକରଣ ତଥ୍ୟରୁ ଜଣାପଡିଛି । ଲୋକ ଅଦାଲତରେ ବିଭିନ୍ନ ପକ୍ଷଙ୍କୁ ୧୨୭କୋଟି ୬୫ଲକ୍ଷ ଟଙ୍କା ଆଦାୟ ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଓଡିଶା ହାଇକୋର୍ଟ ସମେତ ରାଜ୍ୟରେ ଥିବା ବିଭିନ୍ନ ଅଦାଲତରେ ଗତକାଲି ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଥିଲା ।

ଢେଙ୍କାନାଳ ଜିଲ୍ଲା ସିଭିଲ କୋର୍ଟରେ ଗତକାଲି ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୭ଶହ ୭୦ଟି ମାମଲାର ସମାଧାନ କରାଯାଇଥିଲା ।

# ନର୍ସ ଦିବସ

ରୋଗୀସେବା ଲାଗି ନର୍ସମାନଙ୍କର କଠିନ ପରିଶ୍ରମ, ସମର୍ପଣ ଭାବକୁ ସମ୍ମାନ ଜଣାଇବା ଉଦ୍ଦେଶ୍ୟରେ ଆଜି ସମଗ୍ର ବିଶ୍ୱରେ  ଆନ୍ତର୍ଜାତୀୟ ନର୍ସ ଦିବସ ପାଳନ କରାଯାଉଛି । ଆଧୁନିକ  ନର୍ସିଂ ସେବା ଆରମ୍ଭ କରିଥିବା ଫ୍ଲୋରେନ୍ସ ନାଇଟିଙ୍ଗେଲଙ୍କ ଜନ୍ମଦିନକୁ ସ୍ମରଣ କରିବା ପାଇଁ ୧୯୬୫ ମସିହାରୁ ଆଜିର ଦିନକୁ ନର୍ସ ଦିବସ ବା ସେବିକା ଦିବସ ଭାବେ ପାଳନ କରାଯାଉଛି । ଚଳିତବର୍ଷର ସେବିକା ଦିବସର ବାର୍ତ୍ତା ରହିଛି 'ଆମର ନର୍ସ, ଆମ ଭବିଷ୍ୟତ-ସେବା ଯତ୍ନର ଆର୍ଥିକ ଶକ୍ତି'  । ନର୍ସମାନଙ୍କର ଅଧିକାର ଓ ସଂଘର୍ଷ ବିଷୟରେ ଜନସଚେତନତା ସୃଷ୍ଟି ସହିତ ସେମାନଙ୍କର ଉନ୍ନତ କାର୍ଯ୍ୟ ପରିବେଶ ସୃଷ୍ଟି କରିବା ପାଇଁ ଆନ୍ତର୍ଜାତୀୟ ଓ ଜାତୀୟ ସ୍ତରରେ ଆଜି କାର୍ଯ୍ୟକ୍ରମମାନ ଆୟୋଜନ କରାଯାଉଛି ।

# କାଳବୈଶାଖୀ

ଗତ ବିଳମ୍ବିତ ରାତିରେ କାଳବୈଶାଖୀର ପ୍ରଭାବରେ କଟକ, ଭୁବନେଶ୍ୱର ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ହୋଇଯାଇଛି । ରାଜଧାନୀ ଭୁବନେଶ୍ୱରରେ ବର୍ଷାର ପରିମାଣ ଅଧିକ ଥିବାବେଳେ

ପବନର ବେଗ ମଧ୍ୟ ତୀବ୍ର ଥିଲା । ପାଣିପାଗ ବିଭାଗର ସୂଚନା ଅନୁସାରେ ଆଜି ୧୯ଜିଲ୍ଲାରେ କାଳବୈଶାଖୀ ସମ୍ଭାବନା ଅଛି ବୋଲି କୁହାଯାଇଛି । କନ୍ଧମାଳ, ବୌଦ୍ଧ, ଅନୁଗୋଳ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର ଓ କଟକ ଜିଲ୍ଲାରେ କାଳବୈଶାଖୀ ସମ୍ଭାବନା ରହିଛି ।